# ଆବୁଧାବିର କ୍ରାଉନ୍ ପ୍ରିନ୍ସଙ୍କ ଭାରତ ଗସ୍ତ (ସେପ୍ଟେମ୍ବର ୯-୧୦, ୨୦୨୪)

ସେପ୍ଟେମ୍ବର ୦୭, ୨୦୨୪

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣକ୍ରମେ ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ ବିନ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନ୍ ୯-୧୦ ସେପ୍ଟେମ୍ବର ୨୦୨୪ରେ ଭାରତ ଗସ୍ତରେ ଆସିବେ। ଆବୁଧାବିର କ୍ରାଉନ୍ ପ୍ରିନ୍ସ ଭାବେ ଏହା ହେଉଛି ତାଙ୍କର ପ୍ରଥମ ଭାରତ ଗସ୍ତ। ତାଙ୍କ ସହ ୟୁଏଇ ସରକାରଙ୍କ ଅନେକ ମନ୍ତ୍ରୀ ଏବଂ ଏକ ବ୍ୟବସାୟିକ ପ୍ରତିନିଧି ଦଳ ମଧ୍ୟ ଉପସ୍ଥିତ ରହିବେ।

2. ସେପ୍ଟେମ୍ବର ୯ ତାରିଖରେ ଆବୁଧାବିର କ୍ରାଉନ ପ୍ରିନ୍ସ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ। ଏଥିସହ ସେ ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସେ ରାଜଘାଟ ଯିବେ।

3. ସେପ୍ଟେମ୍ବର ୧୦ତାରିଖରେ କ୍ରାଉନ୍ ପ୍ରିନ୍ସ ଏକ ବିଜନେସ୍ ଫୋରମରେ ଯୋଗଦେବା ପାଇଁ ମୁମ୍ବାଇ ଯିବେ, ଯେଉଁଥିରେ ଉଭୟ ଦେଶର ବ୍ୟବସାୟୀ ନେତାମାନେ ଅଂଶଗ୍ରହଣ କରିବେ।

4. ଭାରତ ଓ ୟୁଏଇ ମଧ୍ୟରେ ଐତିହାସିକ ଭାବେ ଘନିଷ୍ଠ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତ ଏବଂ ୟୁଏଇ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀ ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଯୋଗାଯୋଗ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା ଏବଂ ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଛି। କ୍ରାଉନ୍ ପ୍ରିନ୍ସଙ୍କ ଗସ୍ତ ଭାରତ-ୟୁଏଇ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ଏବଂ ନୂତନ ଏବଂ ଉଦୀୟମାନ କ୍ଷେତ୍ରରେ ଭାଗିଦାରୀ ପାଇଁ ରାସ୍ତା ଖୋଲିବ।

**ନୂଆଦିଲ୍ଲୀ**
**ସେପ୍ଟେମ୍ବର ୦୭, ୨୦୨୪**